# NATIONAL NEWS BULLETIN (ODIA)
## 7 April - 2026
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଏବଂ ପୁଡୁଚେରୀରେ ଶେଷ ହେଲା ନିର୍ବାଚନ ପ୍ରଚାର ।

– ଆସନ୍ତା ଗୁରୁବାର ଦିନ ହେବ ମତଦାନ ।

- ଦେଶ ବ୍ୟାପି ତୈଳ ଏବଂ ଗ୍ୟାସ୍ ଯୋଗାଣ ସ୍ୱାଭାବିକ ରହିଥିବା ସ୍ପଷ୍ଟ କଲେ ସରକାର ।
- ସାବରିମାଳା ମନ୍ଦିର ସମେତ କେତେକ ଧାର୍ମିକ ସ୍ଥଳୀରେ ମହିଳା ଶ୍ରଦ୍ଧାଳୁଙ୍କ ପ୍ରବେଶ ସଂକ୍ରାନ୍ତ ଆବେଦନଗୁଡ଼ିକ ଉପରେ ସୁପ୍ରିମ୍‌କୋର୍ଟ୍‌ରେ ଶୁଣାଣି ଆରମ୍ଭ ।
- ଦିଲ୍ଲୀର ଅନଧିକୃତ କଲୋନୀଗୁଡ଼ିକ ନିୟମିତ ହେବା ନେଇ ଘୋଷଣା କଲେ କେନ୍ଦ୍ର ସରକାର ।

ଏବଂ

- ବର୍ଷା ଯୋଗୁଁ ବିଳମ୍ବିତ ହୋଇଛି ଆଜିର ଆଇପିଏଲ୍ କ୍ରିକେଟ୍ ମ୍ୟାଚ୍ ।

# ଇଲେକ୍‌ସନ୍

ଆସାମ୍, କେରଳମ୍ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ଆଜି ଶେଷ ହୋଇଛି ନିର୍ବାଚନ ପ୍ରଚାର । ଆସନ୍ତା ଗୁରୁବାର ପ୍ରଥମ ପର୍ଯ୍ୟାୟରେ ସେଠାରେ ହେବ ମତାଦନ । ଆସାମର ୧୨୬ଟି, କେରଳମ୍‌ର ୧୪୦ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତ ଗ୍ରହଣ କରାଯିବ । ପ୍ରଚାରର ଆଜି ଶେଷ ଦିବସରେ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଏବଂ ରୋଡ୍ ଶୋ’ ମାଧ୍ୟମରେ ଜୋର୍‌ଦାର୍ ପ୍ରଚାର କରିଛନ୍ତି ।

ଅନ୍ୟ ପକ୍ଷରେ ତାମିଲନାଡୁରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଆଜି ଶେଷ ହୋଇଛି । ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି ।

# ଗଭ୍-ଏଲ୍‌ପିଜି

ଦେଶବ୍ୟାପି ପେଟ୍ରୋଲ୍, ଡିଜେଲ୍, ଏଲ୍.ପି.ଜି. ଓ ପି.ଏନ୍‌ଜିର ଯୋଗାଣ ସ୍ୱାଭାବିକ ରହିଥିବା ସରକାର କହିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆୟୋଜିତ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରେ

ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଏଲ୍.ପି.ଜି. ବିତରକଙ୍କ ପାଖରେ ଯଥେଷ୍ଟ ପରିମାଣରେ ସିଲିଣ୍ଡର ଗଚ୍ଛିତ ରହିଛି । ସମସ୍ତ ପେଟ୍ରୋଲ୍ ପମ୍ପ ମଧ୍ୟ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି । ପେଟ୍ରୋଲ୍ ଓ ଡିଜେଲ୍‌ର ପର୍ଯ୍ୟାପ୍ତ ଉପଲବ୍ଧତା ରହିବା ସହ କୌଣସି ସ୍ଥାନରେ ଅଭାବ ସମ୍ପର୍କିତ ତଥ୍ୟ ହସ୍ତଗତ ହୋଇନାହିଁ । ଏଲ୍.ପି.ଜି. ଅନ୍‌ଲାଇନ୍ ବୁକିଂ ପ୍ରାୟ ୯୬ ପ୍ରତିଶତକୁ ବୃଦ୍ଧି ପାଇଥିବା ଶ୍ରୀମତୀ ଶର୍ମା କହିଛନ୍ତି । ୫ କିଲୋଗ୍ରାମ୍ ସିଲିଣ୍ଡରର ବିକ୍ରୟକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସରକାର ଏହାକୁ ଦ୍ୱିଗୁଣିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି । ୫ କିଲୋଗ୍ରାମ୍ ସିଲିଣ୍ଡରର ହାରହାରି ଦୈନିକ ବିକ୍ରି ପୂର୍ବରୁ ୭୭ ହଜାର ଥିବା ବେଳେ ଏବେ ଏହା ୧ ଲକ୍ଷକୁ ବୃଦ୍ଧି ପାଇଛି ।

**VO-Sujata Sharma**

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି, ପଶ୍ଚିମ ଏସିଆ କ୍ଷେତ୍ରରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି । ପଶ୍ଚିମ ପାରଶ୍ୟ ଉପସାଗରୀୟ ଅଞ୍ଚଳରେ ୪୩୩ ଭାରତୀୟ ନାବିକଙ୍କ ସହ ୧୬ଟି ଭାରତୀୟ ପତାକା ଯୁକ୍ତ ପଣ୍ୟବାହୀ ଜାହାଜ ଅଟକି ରହିଛି । ଏହାର ଚଳାଚଳ ନେଇ ସରକାରଙ୍କ

ପକ୍ଷରୁ ସମନ୍ୱୟ ରକ୍ଷା ମାଧ୍ୟମରେ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।

## ଏମ୍‌ଓଏଫ୍‌ପିଆଇ-ପିଏଲ୍‌ଆଇ ସ୍କିମ୍

ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ର ପାଇଁ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଉତ୍ସାହଜନକ ଫଳାଫଳ ପ୍ରଦାନ କରିଛି ବୋଲି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ କହିଛି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବି. ପ୍ରବୀଣ କହିଛନ୍ତି, ଏ କ୍ଷେତ୍ରରେ ନିବେଶ ୯ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ପୂର୍ବରୁ ଏଥିପାଇଁ ପ୍ରତିବଦ୍ଧ ଥିବା ୭ ହଜାର କୋଟି ଟଙ୍କାକୁ ଏହା ଅତିକ୍ରମ କରିଛି । ଏହି ଯୋଜନା ଅଧୀନରେ ଉତ୍ପାଦର ବିକ୍ରି ୧୦ ଦଶମିକ୍ ୫/୮ ପ୍ରତିଶତ ଏବଂ ରପ୍ତାନୀ ୭ ଦଶମିକ୍ ୪/୧ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଶ୍ରୀ ପ୍ରବୀଣ କହିଛନ୍ତି ।

ଯୋଜନା ଅଧୀନରେ ବାର୍ଷିକ ପ୍ରାୟ ୩୪ ଲକ୍ଷ ଟନ୍ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଏ କ୍ଷେତ୍ରରେ ୩ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

# ମନୋହର-ଅନ୍‌ଅଥରାଇଜଡ୍ କଲୋନୀ

ଦିଲ୍ଲୀରେ ଅନଧିକୃତ କଲୋନୀଗୁଡ଼ିକୁ ‘ଯେପରି ଅଛି ଯେଉଁଠାରେ ଅଛି’ ଆଧାରରେ ନିୟମିତ କରିବା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଲାଲ୍ କହିଛନ୍ତି, ଏହି କଲୋନୀଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯିବ । ଭବିଷ୍ୟତର ନିର୍ମାଣଗୁଡ଼ିକୁ ନଗରନିଗମ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବାକୁ ପଡ଼ିବ ବୋଲି ଶ୍ରୀ ଲାଲ କହିଛନ୍ତି । ନିୟମିତ ହୋଇଥିବା କଲୋନୀଗୁଡ଼ିକରେ ବାସିନ୍ଦାଙ୍କୁ ନିଜ ସମ୍ପତ୍ତିର ପଞ୍ଜିକରଣ ପାଇଁ ଏହି ପଦକ୍ଷେପ ଉତ୍ସାହ ପ୍ରଦାନ କରିବ ବୋଲି ଶ୍ରୀ ଲାଲ ଆଶାବ୍ୟକ୍ତ କରିଛନ୍ତି । ଦିଲ୍ଲୀବାସୀ ଦୀର୍ଘକାଳୀନ ଧରି ସହରାଞ୍ଚଳ ଆହ୍ୱାନର ସମ୍ମୁଖୀନ ହୋଇ ଆସୁଛନ୍ତି । ତେବେ ନିର୍ମାଣ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରି ନାହିଁ ।

ଦିଲ୍ଲୀବାସୀଙ୍କ ପାଇଁ ବ୍ୟବସ୍ଥିତ ଏବଂ ପର୍ଯ୍ୟାୟକ୍ରମେ ସହରାଞ୍ଚଳ ସଂସ୍କାର ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ମନ୍ତ୍ରୀ ଶ୍ରୀ ଲାଲ୍ ଆଲୋକପାତ କରିଛନ୍ତି । ଏହି ନିଷ୍ପତ୍ତି ଫଳରେ ଅନଧିକୃତ କଲୋନୀଗୁଡ଼ିକରେ ଥିବା ସମସ୍ତ ପ୍ଲଟ୍ ଏବଂ ନିର୍ମିତ କୋଠାକୁ ଆବାସ ଭାବେ ବିବେଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

ନେତୃତ୍ୱରେ ଦିଲ୍ଲୀବାସୀ ଏକ ଯୋଜନାବଦ୍ଧ ଏବଂ ସମାବେଶୀ ସହରାଞ୍ଚଳ ବିକାଶର ନୂତନ ପର୍ଯ୍ୟାୟ ଲକ୍ଷ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖାଗୁପ୍ତା କହିଛନ୍ତି, ଗତ ବର୍ଷ ଏହି ଅନଧିକୃତ କଲୋନୀଗୁଡ଼ିକର ବିକାଶ ପାଇଁ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଚଳିତ ବଜେଟ୍‌ରେ ଏଥିପାଇଁ ୮୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଛନ୍ତି ।

## ମଣିପୁର-ପ୍ରୋଟେଷ୍ଟ

ମଣିପୁରର ୫ଟି ଉପତ୍ୟକା ଜିଲ୍ଲାରେ ଆଜି ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ବିଷ୍ଣୁପୁର ଜିଲ୍ଲାର ଟ୍ରୋଙ୍ଗଲାଓବି ଗ୍ରାମର ଏକ ଘର ଉପରେ ଗତକାଲି ସନ୍ଦିଗ୍ଧ ଲୋକଙ୍କ ବୋମା ଆକ୍ରମଣରେ ଦୁଇ ନାବାଳକଙ୍କ ମୃତ୍ୟୁ ପରିପ୍ରେକ୍ଷୀରେ ଏହି ବିକ୍ଷୋଭ ପ୍ରଦର୍ଶନ ହୋଇଛି । ବୋମା ଆକ୍ରମଣ ଘଟଣାରେ ଗୁରୁତର ଆହତ ହୋଇଥିବା ଦୁଇ ପିଲାଙ୍କର ମା' ଏବେ ଇମ୍ଫାଲ୍‌ର ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି । ସେହି ଗ୍ରାମରୁ ପୋଲିସ୍ ଏକ ବୋମା ମଧ୍ୟ ଜବତ କରିଛି । ଏହାକୁ ସୁରକ୍ଷିତ ଭାବେ ନିଷ୍କ୍ରିୟ କରାଯାଇଛି । ବିକ୍ଷୋଭ ଆରମ୍ଭ ହୋଇଥିବା ୫ଟି ଯାକ ଜିଲ୍ଲାରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବାକୁ ତିନି ଦିନ ପାଇଁ ବନ୍ଦ ରଖାଯାଇଛି । ମଣିପୁର ମୁଖ୍ୟମନ୍ତ୍ରୀ ୟୁମ୍ ନମ୍ ଖେମଚାନ୍ଦ ଏହି ଆକ୍ରମଣ

ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି । ଇମ୍ଫାଲ୍‌ରେ ଗଣାଧମକୁ ସମ୍ବୋଧନ କରି ଶ୍ରୀ ଖେମଚାନ୍ଦ ଅପରାଧିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଆକ୍ରମଣ ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ.କୁ ହସ୍ତାନ୍ତର କରାଯିନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଖେମଚାନ୍ଦ ସୂଚନା ଦେଇଛନ୍ତି ।

## ଏସ୍‌ସି-ସାବରିମାଳା

ସାବରିମାଳା ମନ୍ଦିର ସମେତ ବିଭିନ୍ନ ଧାର୍ମିକ ସ୍ଥଳରେ ମହିଳା ଶ୍ରଦ୍ଧାଳୁଙ୍କ ପ୍ରତି ହେଉଥିବା ଭେଦଭାବ ଏବଂ ଧାର୍ମିକ ସ୍ୱାଧୀନତା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ଆଜି ସୁପ୍ରିମ୍‌କୋର୍ଟ୍‌ରେ ଆରମ୍ଭ ହୋଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠରେ ଏହି ଶୁଣାଣି ଚାଲିଛି । ଅନ୍ୟମାନଙ୍କ ମଧ୍ୟରେ ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା, ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ, ଜଷ୍ଟିସ୍ ଅହସାନୁଦ୍ଦିନ୍ ଅମାନୁଲ୍ଲା, ଜଷ୍ଟିସ୍ ଅରବିନ୍ଦ କୁମାର, ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ୍ ମସିହ, ଜଷ୍ଟିସ୍ ପ୍ରସନ୍ନ ଭି. ଭାରାଲେ, ଜଷ୍ଟିସ୍ ଆର୍. ମହାଦେବନ୍ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଖଣ୍ଡପୀଠରେ ରହିଛନ୍ତି । ଶୁଣାଣି ପୂର୍ବରୁ କେନ୍ଦ୍ର ସରକାର ଲିଖିତ ଯୁକ୍ତି ଦାଖଲ କରି ସାବରିମାଳା

ମନ୍ଦିରରେ ଋତୁସ୍ରାବ ବୟସ୍କ ମହିଳାଙ୍କ ପ୍ରବେଶ ଉପରେ କଟକଣାକୁ ବଜାୟ ରଖିବାକୁ ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଥିଲେ ।

## ତୁର୍କୀ-ଇସ୍ରାଏଲ୍ ଆଟାକ୍

ତୁର୍କୀର ଇସ୍ତାନ୍‌ବୁଲ୍ ସ୍ଥିତ ଇସ୍ରାଏଲ୍ କନ୍‌ସୁଲେଟ୍ ପରିସର ବାହାରେ ପୁଲିସ୍ ଏବଂ ଆକ୍ରମଣକାରୀଙ୍କ ମଧ୍ୟରେ ବ୍ୟାପକ ଗୁଳିବିନିମୟ ହୋଇଛି । ଏଥିରେ ଦୁଇଜଣ ଆକ୍ରମଣକାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛି । ଗଣମାଧ୍ୟମ ରିପୋର୍ଟ୍ ଅନୁଯାୟୀ ଗୁଳିବିନିମୟରେ ଦୁଇ ଜଣ ପୁଲିସ୍ ଅଧିକାରୀ ମଧ୍ୟ ଆହତ ହୋଇଛନ୍ତି । ୨୦୨୩ରେ ହମାସ୍ ଏବଂ ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲ୍ କନ୍‌ସ୍ୟୁଲେଟ୍ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଫିସର୍‌ମ୍ୟାନ୍-ରିଲିଜଡ୍

ଶ୍ରୀଲଙ୍କାରେ ବନ୍ଦୀ ଜୀବନ ବିତାଉଥିବା ୩୦ ଜଣ ଭାରତୀୟ ମତ୍ସ୍ୟଜୀବୀ ମୁକ୍ତ ହେବା ପରେ ଆଜି ଚେନ୍ନାଇରେ ପହଞ୍ଚିଛନ୍ତି । ରାମେଶ୍ୱରମ୍ ଏବଂ କରାଇକାଲ୍‌ର ଏହି ମତ୍ସଜୀବୀମାନେ ମାଛ ଧରିବାକୁ

ଯାଇ ଆନ୍ତର୍ଜାତିକ ଜଳସୀମାରେ ପ୍ରବେଶ କରିବା ପରେ ଶ୍ରୀଲଙ୍କା ନୌସେନା ଦ୍ୱାରା ଗିରଫ୍ ହୋଇଥିଲେ । ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଶ୍ରୀଲଙ୍କା ଜେଲ୍‌ରେ ବନ୍ଦୀ ଭାବେ ରଖାଯାଇଥିଲା । ତେବେ କୂଟନୈତିକ ହସ୍ତକ୍ଷେପ ଦ୍ୱାରା ସେମାନଙ୍କୁ ମୁକ୍ତ କରାଯାଇଛି । ଶ୍ରୀଲଙ୍କାରୁ ମତ୍ସ୍ୟଜୀବୀମାନେ ବିମାନ ଯୋଗେ ଆସି ଆଜି ଚେନ୍ନାଇଠାରେ ପହଞ୍ଚିଥିଲେ ।

## ଆନାଉନ୍ସମେଣ୍ଟ

ଆକାଶବାଣୀରେ ଲୋକଙ୍କ ପଦ୍ମ ଧାରାବାହିକ କାର୍ଯ୍ୟକ୍ରମରେ ଆଜି ଅପରାହ୍ଣ ୫ଟା ୧୦ ମିନିଟ୍‌ରେ ପ୍ରସାରିତ ସମାଜସେବୀ ଏସ୍.ଜି. ସୁଶୀଳାମ୍ମାଙ୍କ ସହ ସାକ୍ଷାତ ଆଲୋଚନା ଆସନ୍ତାକାଲି ପୁନଃ ପ୍ରସାରଣ କରାଯିବ । ଆକାଶବାଣୀର ୧୦୦ ଦଶମିକ୍ ୧ ଗୋଲ୍ଡ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୯ଟା ୧୦ ମିନିଟ୍‌ରେ ପ୍ରସାରଣ କରାଯିବ । ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଏବଂ ନ୍ୟୁଜ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଶ୍ରୋତାମାନେ ଶୁଣିପାରିବେ ।

# ଆପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ହେବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବିଳମ୍ବିତ ହୋଇଛି । ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବା ନେଇ କାର୍ଯ୍ୟସୂଚୀ ରହିଛି ।

ପଏଣ୍ଟ ତାଲିକାରେ ରାଜସ୍ଥାନ ରୟାଲ୍ସ ଏବେ ତୃତୀୟ ସ୍ଥାନରେ ରହିଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ଷଷ୍ଠ ସ୍ଥାନରେ ରହିଛି । ପଞ୍ଜାବ କିଙ୍ଗସ୍ ପ୍ରଥମ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ସ୍ଥାନିତ ହୋଇଛି ।